ସକାଳ
THE SAKALA



## ଆମ୍ବ ଚାଷ ଏବଂ ଉତ୍ପାଦନରେ ଆଗୁଆ ବଲାଙ୍ଗିର

# ସଂରକ୍ଷଣ, ବଜାର ବ୍ୟବସ୍ଥାରେ ପଛୁଆ

ବଲାଙ୍ଗିର, ୨୮ ।୪(ସମିସ)

● ଚାହିଦାଠୁ ଅଧିକ ଉତ୍ପାଦନ; ତଥାପି ଚାଷୀ ଅଭାବୀ ବିକ୍ରିର ଶିକାର

● ବାହାରୁ ଆସୁଛି ଆମ୍ବ; ଅଥଚ ସ୍ଥାନୀୟ ଚାଷୀଙ୍କୁ ମିଳୁନି ଲାଭ



ବଲାଙ୍ଗିର ଜିଲ୍ଲାରେ ଆମ୍ବଚାଷୀଙ୍କ ପାଇଁ ନା ସଂରକ୍ଷଣ ବ୍ୟବସ୍ଥା ଅଛି ନା ଅଛି ବଜାର ବ୍ୟବସ୍ଥା ଅଛି । ଏହି ଅଞ୍ଚଳରେ ଧାନ ସହିତ ବହୁ ପରିମାଣର ଆମ୍ବଚାଷ ହେଉଛି; କିନ୍ତୁ ଦୁର୍ଭାଗ୍ୟର ବିଷୟ ଆମ୍ବ ସଂରକ୍ଷଣ ପାଇଁ ଜିଲ୍ଲାସ୍ତରରେ କୌଣସି ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇନି । ଆମ୍ବ ବ୍ୟବସାୟ ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ବଜାର ବ୍ୟବସ୍ଥା କରାଯାଇନାହିଁ । ଏହାହାଫଳରେ ଆମ୍ବର କଳାବଜାର ମଧ୍ୟ ହେଉଛି । ତେବେ ସ୍ଥିତି ଏମିତି ଯେ ଜିଲାକୁ ବାହାରୁ ଆମ୍ବ ଆମଦାନୀ ହେଉଛି; ହେଲେ ଜିଲ୍ଲାରେ ଥିବା ଆମ୍ବଚାଷୀ କ୍ଷତି ସହୁଛନ୍ତି ।

ବଲାଙ୍ଗିର ଜିଲ୍ଲା ଆମ୍ବଚାଷରେ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲା ଭାବେ ନାଁ ରହିଛି । ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକ ଅଞ୍ଚଳରେ ଆମ୍ବଚାଷ କରାଯାଇଥାଏ । ଜିଲାରେ ଅନେକ ବଡ଼ ଆମ୍ବଚାଷୀ ରହିଛନ୍ତି । ଅନେକ ଚାଷୀ ଆମ୍ବଚାଷ ଦ୍ୱାରା ଗୋଟିଏ ଋତୁରେ ଲକ୍ଷାଧିକ ଟଙ୍କା ଲାଭ ପାଉଛନ୍ତି । ତେବେ ବଲାଙ୍ଗିରରେ ବହୁଳ ପରିମାଣରେ ଆମ୍ବ ଉତ୍ପାଦିତ ହେଉଥିବା ବେଳେ ଏଥିପାଇଁ ସଂରକ୍ଷଣ କିମ୍ବା ବଜାର ବ୍ୟବସ୍ଥାର କୌଣସି ସରକାରୀ ବ୍ୟବସ୍ଥା ନାହିଁ । ବଲାଙ୍ଗିର ଜିଲ୍ଲାରେ ସରକାରୀ ଓ ବେସରକାରୀ ସ୍ତରରେ ପ୍ରାୟ ୩ହଜାର ହେକ୍ଟର ଜମିରେ ଆମ୍ବଚାଷ କରାଯାଉଛି । ଜିଲ୍ଲାରେ ପ୍ରାୟ ୧୨ଶହରୁ ୧୩ଶହ ମେଟ୍ରିକ ଟନ ଆମ୍ବ ଉତ୍ପାଦନ କରାଯାଇଥାଏ । ତେବେ ଜିଲ୍ଲାର ଚାହିଦା ଉପରେ ନଜର ପକାଇଲେ ଏହା ଯଥେଷ୍ଟ କମ ରହିଛି । ହାରାହାରି ଜିଲ୍ଲାର ଚାହିଦା ୫ଶହ ଟନ୍ ରହିଛି । ବଳକା ଆମ୍ବ ସବୁ କିଛି ପରିମାଣରେ ବାହାରକୁ ପଠାଯାଉଛି । ବାକିତକ ନଷ୍ଟ ହୋଇଯାଉଛି । କିଛି ଚାଷୀ ନିଜସ୍ତରରେ ବାହାର ବେପାରୀଙ୍କୁ କମ୍ ଦରରେ ଆମ୍ବ ବିକ୍ରି କରୁଛନ୍ତି । ଆଉ କିଛି ଚାଷୀ ନିଜେ ବଜାର ବୁଲି ଆମ୍ବ ବ୍ୟବସାୟ କରିଥାନ୍ତି । ଆମ୍ବ ସମୟରେ ଏହି ବ୍ୟବସାୟ ଆମ୍ବଚାଷୀଙ୍କ ପାଇଁ ଏକ ବଡ ରୋଜଗାରର ସୁଯୋଗ ଦେଇଥାଏ । ଆମ୍ବଚାଷୀଙ୍କୁ ପ୍ରୋତ୍ସାହିତ କରିବାରେ ବିଭାଗ ଫେଲ୍ ମାରିଛି । ବଡ ବଡ ବ୍ୟବସାୟୀଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି; ହେଲେ ଛୋଟ ଚାଷୀଙ୍କୁ ଅବହେଳା କରାଯାଉଛି । ଜିଲ୍ଲାରେ ଏପର୍ଯ୍ୟନ୍ତ ଆମ୍ବ ସଂରକ୍ଷଣ କରି ରଖିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନି । ଜିଲ୍ଲାରେ ଶୀତଳଭଣ୍ଡାରର କୌଣସି ସୁବ୍ୟବସ୍ଥା ନ ଥିବାରୁ ସିଜିନରେ ଯେତିକି ଆମ୍ବ ବିକ୍ରି ହେଲା ତ ଭଲ ନ ହେଲେ ତାହା ନଷ୍ଟ ହେବା ସୁନିଶ୍ଚିତ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ବଜାର ବ୍ୟବସ୍ଥା ମଧ୍ୟ ବେହାଲ । ବଲାଙ୍ଗିରକୁ ଜିଲ୍ଲା ତଥା ରାଜ୍ୟ ବାହାରୁ ଆମ୍ବ ଆସୁଥିବା ବେଳେ ଜିଲ୍ଲାରେ ଉତ୍ପାଦିତ ଆମ୍ବ ବିକ୍ରୟ ହେଉନି । ଜିଲ୍ଲାସ୍ତରରେ ଯଦି ଆମ୍ବ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା ହେଲେ ନିହାତି ଭାବେ ଆମ୍ବର ଉଚିତ ମୂଲ୍ୟ ମିଳିବ । ଚାଷୀ ଉତ୍ସାହିତ ହେବେ ବୋଲି ଆମ୍ବଚାଷୀ ପ୍ରକାଶ କରିଛନ୍ତି । ଏହା ସହ ଆମ୍ବ ପ୍ରକ୍ରୀୟାକରଣ ପାଇଁ ଯଦି ପଦକ୍ଷେପ ଗ୍ରହଣ କରାଯାଏ ତେବେ ତାହା ମଧ୍ୟ ଚାଷୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଚାଷୀ ପ୍ରକାଶ କରିଛନ୍ତି । ଏମିତିରେ ଆମ୍ବଚାଷରେ ଜିଲ୍ଲା ଯେତିକି ଆଗରେ ସଂରକ୍ଷଣ ଓ ବଜାର ବ୍ୟବସ୍ଥାରେ ସେତିକି ପଛରେ ରହିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଜିଲ୍ଲାରେ କିଭଳି ଏହାର ସଂରକ୍ଷଣ, ବଜାର ଓ ପ୍ରକ୍ରିୟାକରଣର ବ୍ୟବସ୍ଥା ହୋଇପାରିବ ସେ ଉପରେ ଧ୍ୟାନ ଦେବା ଉଚିତ ବୋଲି ଚାଷୀ ଦାବି କରିଛନ୍ତି ।

## ବେଲବାହାଲିରେ ଲୋକଙ୍କୁ ଭେଟିଲେ ନରସିଂହ



**ବିଜୁଳି ଏବଂ ପାଣି ସମସ୍ୟା ନେଇ ଅଭିଯୋଗ**

ବଲାଙ୍ଗିର, ୨୮ ।୪(ସମିସ): ପୁଇଁନ୍ତଲା ବ୍ଲକ ବୁବେଲ ପଞ୍ଚାୟତ ବେଲବାହାଲି ଗ୍ରାମରେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିଛନ୍ତି । ଲୋକଙ୍କ କହିବା ଅନୁଯାୟୀ ପ୍ରବଳ ଖରାରେ ଅଞ୍ଚଳରେ ଘନ ଘନ ବିଦ୍ୟୁତ୍ କାଟ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉଠା ଜଳସେଚନ ଯୋଗେ ହେଉଥିବା ଚାଷ କାର୍ଯ୍ୟରେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ । ସେହିପରି ଅଞ୍ଚଳରେ ପିଇବା ପାଣିର ଶୁଭାରମ୍ଭ ଆଜି ପର୍ଯ୍ୟନ୍ତ ହୋଇ ନ ଥିବା ଲୋକେ ଅଭିଯୋଗ କରିଥିଲେ । ଲୋକଙ୍କ ସମସ୍ୟା ଶୁଣି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଅତିଶିଘ୍ର ଏହି ସମସ୍ୟାର ସମାଧାନ ଉପରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମିଶ୍ର ଉପସ୍ଥିତ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ବ୍ଲକ ସଭାପତି ଉମାକାନ୍ତ ସାହୁ, ଜିଲ୍ଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ର, ଲଳିତ ପଟେଲ, ବୁବେଲ ଗଉନ୍ତିଆ ଟିକେଶ୍ୱର ସାଏ, ବେଲବାହାଲି ଗଉନ୍ତିଆ ବେଣୁ ସାଏ, ସାରଙ୍ଗଧର ସାଏ, ବସୁଦେବ ନାଏକ, ମନୋଜ ସାଏ, ଜିତୁ ମନହିରା, ପୂର୍ବତନ ସରପଞ୍ଚ ସର୍ଜନ ବିଶ୍ୱାଳ, ଦଳିତ ନେତା ହରି ନନ୍ଦ, ଡ. ହୃଦାନନ୍ଦ ଡାଙ୍ଗ, ଘନଶ୍ୟାମ ଦାଶ, ଅଜିତ ଗୁରୁ, ପ୍ରିୟବନ୍ଧୁ ସାଏ, କମଲ ଦୀପ, ନାରଦ ରଣା, ସକିନ୍ଦ୍ର ପଧାନ, ନିଳାଞ୍ଚଳ ସାଏ, ଭରତ ମନହିରା, କ୍ଷିତିରାଜ ପରୁଆ, ଜଗନ୍ନାଥ ଚନ୍ଦନ, ବିଶେଶ୍ୱର ଚନ୍ଦନ, ରିଙ୍କୁ ବାଗ, ଗଙ୍ଗାଧର ମନହିରା, ଶ୍ୟାମ ସୁନ୍ଦର ସାଏ ପ୍ରମୁଖ ନରସିଂହଙ୍କ ସହ ଉପସ୍ଥିତ ଥିଲେ ।

## ଷୋହଳପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଲାଞ୍ଜିଗଡ଼, ୨୮ ।୪(ସମିସ): ଲାଞ୍ଜିଗଡ଼ ବ୍ଲକ ବସନ୍ତପଡ଼ା ପଞ୍ଚାୟତର ବସନ୍ତପଡ଼ାରେ ଷୋହଳପ୍ରହର ନାମଯଜ୍ଞ ପାଇଁ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେଇଯାଇଛି । ବସନ୍ତପଡ଼ା ପ୍ରହରୀ ମଣ୍ଡପ ପରିସରରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଭବ୍ୟ ଆୟୋଜନ କରାଯାଇଛି ।ମଙ୍ଗଳବାର ସନ୍ଧ୍ୟାରେ ସିନ୍ଧିବାହାଲି ପୋଖରୀରୁ ଜଳ ସଂଗ୍ରହ କରି କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ଓ ଷୋହଳ ପ୍ରହର ନାମଯଜ୍ଞ ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର ମାଳିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କଳସ ଶୋଭାଯାତ୍ରା ହଜାର ହଜାର ବ୍ୟକ୍ତି ସାମିଲ ହୋଇଥିଲେ । କର୍ତ୍ତା ଭାବେ ରାଜେନ୍ଦ୍ର ମାଳି ଓ ଧର୍ମପତ୍ନୀ ପୂଲସ୍ଟି ମାଳି, ସହକର୍ତ୍ତା ଭାବେ ଭୁଜେନ୍ଦ୍ର ନାଏକ ଓ ଧର୍ମପତ୍ନୀ ଭଗବତୀ ନାଏକ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ କୈଳାସ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ନିରଜ କୁମାର ଦାସ, ସନ୍ତୋଷ କୁମାର ଆଚାର୍ଯ୍ୟ, ମନିସ କୁମାର ମିଶ୍ର ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି । ପ୍ରହରୀ କମିଟି ଉପ ସଭାପତି ଭୁଜେନ୍ଦ୍ର ନାୟକ, ସମ୍ପାଦକ ପ୍ରଫୁଲ୍ଲ ନାୟକ, ବସନ୍ତପଡ଼ା ଗୌନ୍ତିଆ ଚିରଞ୍ଜନ ନାୟକ, ଦେବେନ୍ଦ୍ର ମାଳି, ଅନନ୍ତ ନାଗ, ସୁରେନ୍ଦ୍ର ମାଝୀ, ଦୁଷ୍ମନ୍ତ ମାଳି, ପର୍ଶୁରାମ ନାଏକ, ଜୟସେନ ମାଳି, ଚନ୍ଦନ ମାଳି, ଧନଞ୍ଜୟ ନାୟକ, କନ୍ଦୁକ ମାଳି, ଛବୀଲାଲ ନାଏକ, ଭକ୍ତ ନାଏକ ପ୍ରହରୀ ନାମଯଜ୍ଞ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ବସନ୍ତପଡ଼ା ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।



## ମେକ୍ଅପ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ






ଟିଟିଲାଗଡ଼, ୨୮ ।୪(ସମିସ): ଟିଟିଲାଗଡ଼ ଲାୟନ୍ସ କ୍ଲବ୍ ସହଯୋଗରେ ୨ ମାସିଆ ମେକଅପ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି । ୨୯ ତାରିଖରୁ ୨ ମାସ ଧରି ୨ ଘଣ୍ଟିଆ ତାଲିମ ପ୍ରଦାନ କରାଯିବ । ସ୍ନିଗ୍ଧାସ ଗ୍ଲାମ୍ ଷ୍ଟୁଡିଓ ସେଲୋନ୍‌ଠାରେ କ୍ଲବ୍ ସଭାପତି ସଞ୍ଜୟ ସୋନିଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ଲେମ୍ ଷ୍ଟୁଡ଼ିଓ ସେଲୋନର ପ୍ରୋପ୍ରାଇଟର ମିସ୍ ସ୍ନିଗ୍ଧା ପାଢ଼ୀ, କ୍ଲବର ସଦସ୍ୟ ଉପସ୍ଥିତ ଥିଲେ ।

ଲାୟନ୍ସ କ୍ଲବର ମାର୍କେଟିଙ୍ଗ ଚେୟାର ପର୍ସନ ଲାୟନ ସଞ୍ଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ । କ୍ଲବର ସମ୍ପାଦକ ଲାୟନ୍ ପଙ୍କଜ ନାମଦେବ, କୋଷାଧ୍ୟକ୍ଷ ବିନୟ ଜୈନ, ମହିଳା ସଦସ୍ୟା ବବିତା ଜୈନ, ଶିଖାଞ୍ଜଳି ନାମଦେବ ପ୍ରମୁଖ ମଞ୍ଚାସୀନ ଥିଲେ । କ୍ଲବର ଗଙ୍ଗାଧର ଶର୍ମା, ଦୀପକ ପୃଷ୍ଟି, ପ୍ରଦୀପ ବାରିକ, ଅଜିତ ଚାନ୍ଦ ପାତ୍ର, ପ୍ରଭାତ ଗୋଏଲ, ସୁଧୀର ମେହେର, ଗ୍ଲେମ ଷ୍ଟୁଡିଓର ସଦସ୍ୟ ସ୍ନେହ ସୁନା, ଗୌରୀ କଟା, କୁନି କଟା ପ୍ରମୁଖ ସହଯୋଗ କରିଥିଲେ ।

## ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା



ବୌଦ୍ଧ, ୨୮ ।୪(ସମିସ): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୌଦ୍ଧ ସଙ୍କୁଳର ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଛି ।

ଏହି କାର୍ଯ୍ୟଶାଳାରେ ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା, ବୌଦ୍ଧ ସଙ୍କୁଳ ପ୍ରମୁଖ ଦଶରଥ ମେହେର, ସୁବର୍ଣ୍ଣପୁର ବିଭାଗର ବିଭାଗ ନିରୀକ୍ଷକ ଜୟକିଶୋର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଟଙ୍କଧର ସାହୁ, ସମ୍ପାଦକ ପଦ୍ମନାଭ ସୁବୁଦ୍ଧି ଓ ପ୍ରଧାନ ଆଚାର୍ଯ୍ୟ ଶ୍ରୀବସ୍ତ ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ । ଏହି ସାମୂହିକ କାର୍ଯ୍ୟଶାଳାରେ ୮ଟି ବିଦ୍ୟାଳୟରୁ ମୋଟ ୧୪୯ ଜଣ ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗ ଦେଇଛନ୍ତି । ୩୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ । ବିଦ୍ୟାଳୟର ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଖୁଦିରାମ ପ୍ରଧାନ, କୋଷାଧ୍ୟକ୍ଷ ଅଭିଷେକ ଅଗ୍ରୱାଲ, ସଦସ୍ୟା ପୁଷ୍ପାଞ୍ଜଳି ନାୟକ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଉଛନ୍ତି ।

## ଡୁଙ୍ଗୁରିପାଲିରେ ବସ୍-କାର୍ ମଧ୍ୟରେ ଭୟଙ୍କର ଦୁର୍ଘଟଣା

● ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ

● ପରିବାରର ୪ ଗୁରୁତର

● ୨ ବସ୍ କର୍ମଚାରୀ ମଧ୍ୟ ଗୁରୁତର

ଡୁଙ୍ଗୁରିପାଲି, ୨୮ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିସ୍ଥିତ ୨୬ ନମ୍ବର ଜାତୀୟରାଜପଥରେ ଥିବା ହାଇସ୍କୁଲ ଛକ ନିକଟରେ ଏକ କାର୍ ଓ ଗୋଟିଏ ଘରୋଇ ବସ୍ ମଧ୍ୟରେ ମଙ୍ଗଳବାର ମଧ୍ୟାହ୍ନରେ ଭଙ୍କ ଦୁର୍ଘଟଣା ଘଟିଛି । କାରରେ ଥିବା ବୀରେନ୍ଦ୍ର ସିଂ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ତାଙ୍କ ଘର ଛତିଶଗଡ଼ରେ । ସେ ଜଗଦଲପୁରର ଏକ ବ୍ୟାଙ୍କ କର୍ମଚାରି ଥିଲେ । ଅନ୍ୟପକ୍ଷେ ତାଙ୍କ ପତ୍ନୀ ନିର୍ମଳା ସିଂ, ପୁଅ ହର୍ଷ ଦେବ ସିଂ, ୨ଜଣ ନାତି ଗୁରୁତର ହୋଇଛନ୍ତି । ତେବେ କାର୍ ଭିତରେ ଥିବା ତାଙ୍କ ବୋହୂ ସମ୍ପୂର୍ଣ୍ଣ ଅକ୍ଷତ ରହିଛନ୍ତି । ସାହସର ସେ ପରିବାରର ସମସ୍ତଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ସ୍ଥାନୀୟ ଲୋକେ ଏମାନଙ୍କୁ ବହୁ କଷ୍ଟରେ କାର୍ ଭିତରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅନ୍ୟପକ୍ଷେ ବସ୍ ଚାଳକ ଏବଂ ହେଲପର ମଧ୍ୟ ଗୁରୁତର ହୋଇଛନ୍ତି । ଏମାନେ ଏକ ଶୁଦ୍ଧିକ୍ରିୟାରେ ଯୋଗଦେଇ ରାଞ୍ଚିରୁ ଫେରୁଥିଲେ । ବରଗଡ଼ ପଟୁ କାର(ସିଜି୧୭ଏଲଡି୮୫୪୯)ରେ ଏମାନେ ବଲାଙ୍ଗୀର ଅଭିମୁଖେ ଯାଉଥିଲ । ଏହି ସମୟରେ ବିପରୀତ ଦିଗରୁ ଯାତ୍ରୀ ବିହୀନ ଏକ ଘରୋଇ ମହାପାତ୍ର ବସ୍ (ଓଆର୧୭କେ୦୫୭୬)ତେଲ ଭରିବା ପାଇଁ ପେଟ୍ରୋଲ ପମ୍ପକୁ ଯାଉଥିଲା । ହାଇସ୍କୁଲ ଛକ ପାଖରେ ଥିବା ନଳିଆ ପୋଲ ପାଖରେ କାର୍-ବସ୍ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଥିଲା । ଥାନା ଅଧିକାରୀ ରୋଜାଲିନ ପଟେଲ ଉଭୟ ଗାଡି ଜବତ କରି ତଦନ୍ତ କରୁଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଶିକ୍ଷଣ ତାଲିମ ଶିବିର

କଣ୍ଟାବାଞ୍ଜି, ୨୮ ।୪(ସମିସ): କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ମନ୍ଦିରରେ ତ୍ରିଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ କଣ୍ଟାବାଞ୍ଜି ସଂକୁଳର ୧୧ଟି ବିଦ୍ୟାଳୟର ଗୁରୁଜୀ, ଗୁରୁମା ତାଲିମ ନେଉଛନ୍ତି । ୧୪୦ଜଣଙ୍କୁ ଏଥିରେ ୩ ଦିନ ଧରି ପ୍ରଶିକ୍ଷଣ ଦିଆଯିବ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତେଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।



## ବେଲଗାଁ ବସ୍ତିରେ ଖୋଲିନି ସରକାରୀ ଜଳଛତ୍ର

ସଇଁତଲା, ୨୮ ।୪(ସମିସ): ରାଜ୍ୟରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ତୀବ୍ର ହେଉଛି । ବେଲଗାଁ ବସ୍ତିରେ କିନ୍ତୁ ଏପର୍ଯ୍ୟନ୍ତ ସରକାରୀ ଜଳଛତ୍ର ଖୋଲାଯାଇନି । ଏଣୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ତାପମାତ୍ରା ୪୫ ଡିଗ୍ରୀ ସେଲସିଅସ୍ ଅତିକ୍ରମ କରୁଥିବା ସମୟରେ ପିଇବା ପାଣିର ତୀବ୍ର ଅଭାବ ଲୋକଙ୍କ ଦୈନନ୍ଦିନ ଜୀବନକୁ ଅସହ୍ୟ କରିଦେଇଛି । ପ୍ରତିବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସହ ସରକାରୀ ଓ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଜଳଛତ୍ର ଖୋଲାଯାଇଥାଏ; ଯାହା ରାସ୍ତାଚାଲୀ ଓ ଦୈନିକ ଶ୍ରମିକ, ପଥିକ ତଥା ଅଞ୍ଚଳବାସୀଙ୍କ ପାଇଁ ବଡ଼ ସହାୟତା ହୋଇଥାଏ; କିନ୍ତୁ ଏବେ ପର୍ଯ୍ୟନ୍ତ ବେଲଗାଁ ବସ୍ତିରେ ଏହି ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ନିବାସୀଙ୍କ କହିବା ଅନୁଯାୟୀ ଗରମ ଦିନରେ ରାସ୍ତାରେ କାମ କରୁଥିବା ଶ୍ରମିକ, ରିକ୍ସା ଚାଳକ ଓ ଯାତ୍ରୀମାନେ ପାଣି ପାଇଁ ଅନେକ କଷ୍ଟ ଭୋଗୁଛନ୍ତି । ପୂର୍ବବର୍ଷରେ ଏହି ସମୟରେ ଜଳଛତ୍ର ଖୋଲିଯାଉଥିଲା; କିନ୍ତୁ ଏବେ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇନି ବୋଲି ଜଣେ ସ୍ଥାନୀୟ ବ୍ୟକ୍ତି କହିଛନ୍ତି । ଏନେଇ ପ୍ରଶାସନିକ ଅବହେଳାକୁ ଲୋକେ ନିନ୍ଦା କରି ଶୀଘ୍ର ଜଳଛତ୍ର ଖୋଲିବାକୁ ଦାବି କରିଛନ୍ତି । ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ପରିସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି । ସରକାର ଓ ସ୍ଥାନୀୟ ପ୍ରଶାସନ ତରଫରୁ ତତ୍କାଳ ବ୍ୟବସ୍ଥା ଗ୍ରହଣ କରି ଜଳଛତ୍ର ଖୋଲିବା ପାଇଁ ଲୋକେ ଅନୁରୋଧ କରିଛନ୍ତି ।

## ଜୟନ୍ତୀ ପଟେଲ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ



ବଲାଙ୍ଗିର, ୨୮ ।୪(ସମିସ): ବଲାଙ୍ଗିର ଜିଲ୍ଲା ସଭାନେତ୍ରୀ ଭାବେ ଆଗଲପୁର ବ୍ଲକର ନାରୀ ନେତ୍ରୀ ଜୟନ୍ତୀ ପଟେଲ ଜିଲ୍ଲା ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି । ସର୍ବ ଭାରତୀୟ ମହିଳା କଂଗ୍ରେସର ସଭାନେତ୍ରୀ ଅଲକା ଲାମ୍ବାଙ୍କ ଅନୁମୋଦନ କ୍ରମେ ସେ ଏହି ନିଯୁକ୍ତି ପାଇଛନ୍ତି । ଶ୍ରୀମତୀ ପଟେଲ ୨୦୧୨ ମସିହାରେ ରାଜନୀତିରେ ଯୋଗ ଦେଇଥିଲେ । ଆଗଲପୁର ବ୍ଲକ ଉପରବାହାଲ ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ଆଗଲପୁର ବ୍ଲକର ଅଧ୍ୟକ୍ଷା ଭାବେ ସଫଳତା ସହ କାର୍ଯ୍ୟ ତୁଲାଇଥିଲେ । ୨୦୧୭ ମସିହାରେ ସେ ବେନ୍ଦ୍ରା ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ସ୍ୱାମୀ ମନମୋହନ ପଟେଲ ମଧ୍ୟ ୨୦୦୨ ମସିହାରେ ସରପଞ୍ଚ, ୨୦୦୭ ମସିହାରେ ବ୍ଲକ ଉପାଧ୍ୟକ୍ଷ, ୨୦୧୭ ମସିହାରେ ବ୍ଲକ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ ।

## ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଜଳସେବା

ମୁରିବାହାଲ, ୨୮ ।୪(ସମିସ): ପ୍ରଚଣ୍ଡ ତାପମାତ୍ରା ଓ ଭୟଙ୍କର ଖରାକୁ ଦୃଷ୍ଟିରେ ରଖି ବିଶ୍ୱ ହିନ୍ଦୁ ପରିଷଦ୍ ଓ ବଜରଙ୍ଗ ଦଳ, ମୁରିବାହାଲ ପ୍ରଖଣ୍ଡ ପକ୍ଷରୁ ମଙ୍ଗଳବାର ଜଳସେବା କରାଯାଇଛି । ମୁରିବାହାଲର ସାପ୍ତାହିକ ମଙ୍ଗଳବାର ବଜାର ଥିବାରୁ ଦୂର ଦୂରାନ୍ତରୁ ଅନେକ ଲୋକ ବଜାରକୁ ଆସିଥିଲେ । ଏହି ପ୍ରଚଣ୍ଡ ଗରମରେ ଲୋକମାନେ ଅସୁବିଧାରେ ପଡୁଥିବା ଦେଖି ବଜରଙ୍ଗ ଦଳ ପକ୍ଷରୁ ମଧୁର ପାଣି ବଣ୍ଟନ କରାଯାଇଥିଲା । ରାଧାକୃଷ୍ଣ ଓ ଶିବ ମନ୍ଦିର ପାଖରେ ଏହା ଆୟୋଜିତ ହୋଇଥିଲା । ବଜାରକୁ ଆସୁଥିବା ସାଧାରଣ ଲୋକ, ଯାତ୍ରୀ, ବ୍ୟବସାୟୀ ଓ ଶ୍ରମିକ ପ୍ରଚଣ୍ଡ ରୁଦ୍ର ତାପରୁ ରକ୍ଷା ପାଇଥିଲେ । ବଜରଙ୍ଗ ଦଳ ପ୍ରଖଣ୍ଡ ବ୍ଲକ ସଭାପତି ପଦ୍ମଲୋଚନ ସାହୁ, କାର୍ଯ୍ୟକର୍ତ୍ତା ସୁଧାଂଶୁ ପୋଡ଼ ଯାଦବ, କରନ୍ ଜାଲ, ଅଜିତ ବାଗ, ରାଜ ନାଗ, ଲିକୁନ ସାହୁ, ଯୋଗେନ୍ଦ୍ର ଥାଟି, ଶିବା ରାଉତ, କୃଷ୍ଣାଲାଲ ଭୋଇ, ଜନକ ଖର୍ସେଲ, ବାବୁଲାଲ କେତକୀ, ବାବୁଲି ରାଉତ, ଦୁର୍ଯ୍ୟୋଧନ ନାଗ, ରାକେଶ ପୃଷ୍ଟି, ହରିଶ୍ ମହାକୁର, ଉଦିତ୍ କଟା, ରୋହନ ଜାଲ, ଦୀପକ ହାତୀ, ଧ୍ରୁବ ଯାଦବ, ରଞ୍ଜନ ବନଛୋର, ରୋହନ ବନଛୋର୍, ଉପଦେଷ୍ଟା ରାଜୀବ ମହାନ୍ତି, ସୁଧୀର ପାଣି, ଭାରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

**ସ୍ମାର୍ଟଫୋନ ନିଶାରେ ଛାତ୍ରଛାତ୍ରୀ**

# ସଦ୍‌ବ୍ୟବହାର କମ୍; ଅପବ୍ୟବହାର ବେଶି

ବଲାଙ୍ଗିର, ୨୮ ।୪(ସମିସ)

● ବଢୁଛି ମାନସିକ ଚାପ, ପଥଭ୍ରଷ୍ଟ ଛାତ୍ରଛାତ୍ରୀ

● ଅନଲାଇନ ଶିକ୍ଷା ଆଳରେ ସ୍ମାର୍ଟଫୋନକୁ ଗୁରୁତ୍ୱ

● ପାଠପଢ଼ା କମ୍; ସାମାଜିକ ଗଣମାଧ୍ୟମ ବ୍ୟବହାର ବେଶି



ଗାଁ ଠୁ ସହର ସ୍ମାର୍ଟ ହେବାରେ ଲାଗିଛି । ଗାଁ ହେଉ କି ସହର ସବୁଠି ପାଠପଢୁଥିବା ପ୍ରାୟ ସମସ୍ତ ଅଳ୍ପ ବୟସ୍କ ଛାତ୍ରଛାତ୍ରୀଙ୍କ ହାତରେ ଏବେ ସ୍ମାର୍ଟଫୋନ ରହିଛି । କରୋନା ମହାମାରୀ ସମୟରେ ଅନଲାଇନ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବାରୁ ପ୍ରତି ଛାତ୍ରଛାତ୍ରୀଙ୍କ ପାଖରେ ଏବେ ମୋବାଇଲ ରହିଛି । ଯଦିଓ ଏହି ସ୍ମାର୍ଟଫୋନର ବ୍ୟବହାର ଯୋଗୁଁ ଜ୍ଞାନ ଆହୋରଣ ଶୈଳୀରେ ପରିବର୍ତ୍ତନ ହୋଇଛି କିନ୍ତୁ ଏହାର ବ୍ୟବହାର ଯୋଗୁଁ ଛାତ୍ରଛାତ୍ରୀଙ୍କ ମାନସିକ ଚାପ ବୃଦ୍ଧି ପାଇଛି । ଏହା ସହ ଏହାର ବହୁଳ ମାତ୍ରାରେ ଅପବ୍ୟବହାର ହେଉଛି । ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସ୍ମାର୍ଟଫୋନ ଅପବ୍ୟବହାର ଯୋଗୁଁ ଏଭଳି ଅନେକ ଘଟଣା ସାମ୍ନାକୁ ଆସୁଛି; ଯାହା ସାଧାରଣରେ ପୁଲିସ ପାଖରେ ଅଭିଯୋଗ କରାଯାଇନାହିଁ; କିନ୍ତୁ ତାହା ଏକ ଚିନ୍ତାଜନକ ବିଷୟ ବୋଲି ଶିକ୍ଷାବିତ ମତ ରଖିଛନ୍ତି । ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହାର ଅପବ୍ୟବହାରରେ କିଭଳି ରୋକ ଲଗାଯାଇପାରିବ ସେ ନେଇ ଅଭିଭାବକ ଚିନ୍ତାରେ ରହିବା ସ୍ୱାଭାବିକ କଥା ।

ଅଳ୍ପ ବୟସ୍କ ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟଫୋନ ନିଶା ଲାଗିଛି । ହାଇସ୍କୁଲ, କଲେଜ ଏପରିକି ପ୍ରାଥମିକ ଛାତ୍ରଛାତ୍ରୀ ମଧ୍ୟ ଏହି ସ୍ମାର୍ଟଫୋନ ନିଶାରେ ପାଗଳ । ବିଦ୍ୟାଳୟରେ ମଧ୍ୟ ମୋବାଇଲରୁ କିଭଳି ଜ୍ଞାନ ଆରୋହଣ କରାଯିବ ସେ ନେଇ ଛାତ୍ରଛାତ୍ରୀଙ୍କୁ କୁହାଯାଉଛି । କରୋନା ପରେ ସ୍କୁଲ ବନ୍ଦ ସମୟରେ କିଭଳି ଛାତ୍ରଛାତ୍ରୀ ଅନଲାଇନରେ ପାଢ ପଢ଼ିବେ ତାହାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏହାଫଳରେ ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ସ୍ମାର୍ଟଫୋନ ବ୍ୟବହାର କରିବା ଆରମ୍ଭ କରିଥିଲେ; କିନ୍ତୁ ଏହାର ବହୁଳ ବ୍ୟବହାର ଓ ଅପବ୍ୟବହାର ଯୋଗୁଁ ଛାତ୍ରଛାତ୍ରୀଙ୍କ କେତେ କ୍ଷତି ହେଉଛି ତାହା କେହି ଚିନ୍ତା କରୁନାହାନ୍ତି । ଜଣେ ବରିଷ୍ଠ ଶିକ୍ଷାବିତଙ୍କ କହିବା ମୁତାବକ ଶିକ୍ଷା ହେଉଛି ସ୍ମାର୍ଟଫୋନ ବ୍ୟବହାର ପାଇଁ ଏକ ବାହାନା । ପାଠପଢ଼ା ଛାଡି ଛାତ୍ରଛାତ୍ରୀ ହ୍ୱାଟ୍ସଆପ, ଫେସବୁକ, ଇନଷ୍ଟାଗ୍ରାମ, ଟେଲିଗ୍ରାମ ଭଳି ଅନେକ ସୋସିଆଲ ସାଇଟକୁ ନିୟମିତ ବ୍ୟବହାର କରିବା ସହ ଅନଲାଇନ ଗେମ ଖେଳିବାରେ ଅନେକ ସମୟ ଅପଚୟ କରୁଛନ୍ତି । ଏପରିକି ଏହାଦ୍ୱାରା ଛାତ୍ରଛାତ୍ରୀ ଏହାର ମାୟାଜାଲରେ ଫଶିଯାଇ ନିଜ ଶିକ୍ଷାରୁ ଦୂରେଇ ରହିବା ସହିତ ବହୁ ସମୟ ଏମାନେ ଏହି ସୋସିଆଲ ମିଡିଆ, ଗେମରେ ନିଜକୁ ବ୍ୟସ୍ତ ରଖୁଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ମଧ୍ୟ କରୁଛନ୍ତି । କମ୍ ବୟସର ଯୁବକ ଯୁବତୀମାନେ ଅନଲାଇନ ଗେମ୍ ଖେଳି ବହୁ ପରିମାଣର ଟଙ୍କା ହରାଉଛନ୍ତି । ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଅଳ୍ପବୟସ୍କମାନେ ନିଜର ଆକାଉଣ୍ଟ କ୍ରିଏଟ କରି ନୂଆ ନୂଆ ବନ୍ଧୁ ତିଆରି କରୁଛନ୍ତି । ସମୟାନୁକ୍ରମେ ସେମାନଙ୍କ ସହ ଯୋଗାଯୋଗରେ ଆସି ଅନେକ ଏହିଭଳି କାମ କରୁଛନ୍ତି ଯାହାକି ପରେ ସେମାନଙ୍କୁ ଅଡୁଆରେ ପକାଉଛି । ଫଟୋ ସେୟାର କରି ପରେ ନିନ୍ଦିତ ହେଉଛନ୍ତି । ଦୈନନ୍ଦିନ ଜୀବନକୁ ସରଳ ଓ ସହଜ କରିବା ପାଇଁ ବ୍ୟସ୍ତରେ ବୁଡି ରହୁଥିବା ପିତାମାତା ନିଜ ଛୁଆକୁ ସ୍ମାର୍ଟଫୋନଟିଏ ଧରାଇଦେଉଛନ୍ତି; କିନ୍ତୁ ଏହା ଯେ ଶିଶୁ ପାଇଁ କେତେ କ୍ଷତିକାରକ ତାହା ଭାବୁନାହାନ୍ତି । କିଛି ବର୍ଷ ତଳେ ଜୀବନ ନେଉଥିବା ଅନଲାଇନ ଗେମ ବ୍ଲୁ -ହ୍ୱେଲ ଗେମ ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ନେବା ପରେ ସ୍ମାର୍ଟଫୋନ ବ୍ୟବହାରକୁ ନେଇ କେନ୍ଦ୍ର ସରକାର କଟକଣା ଲଗାଇଥିଲେ; କିନ୍ତୁ ପରେ ସ୍ମାର୍ଟଫୋନ ହିଁ ପାଠପଢ଼ାର ମାଧ୍ୟମ ସାଜିଛି । କେବଳ ଘରୋଇ ନୁହଁ; ସରକାରୀ ସ୍କୁଲରେ ମଧ୍ୟ ଅନଲାଇନ ଶିକ୍ଷା ଓ ସ୍ମାର୍ଟଫୋନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଏମିତିରେ ଏହାର ସଦବ୍ୟବହାର ବଦଳରେ ଅପବ୍ୟବହାର ମଧ୍ୟ ବଢ଼ି ଚାଲିଛି । ମନସ୍ତତ୍ତ୍ୱବିତଙ୍କ କହିବା ଅନୁସାରେ କମ୍ ବୟସରୁ ମୋବାଇଲ ବ୍ୟବହାର ଯୋଗୁଁ ଛାତ୍ରଛାତ୍ରୀଙ୍କ ମାନସିକ ଅବସ୍ଥାରେ ଏକ ଗଭୀର ପ୍ରଭାବ ପଡୁଛି । ବିଭିନ୍ନ ପ୍ରକାର ଅଶ୍ଳୀଳ ଭିଡିଓ, ଅପରାଧିକ ଭିଡିଓ ଦେଖିବା ପରେ ସେମାନଙ୍କ ମାନସିକ ସ୍ତରରେ ଏହାର କୁପ୍ରଭାବ ପଡୁଛି । ଏହାଫଳରେ ସେମାନେ ପଥଭ୍ରଷ୍ଟ ହେବା ସହ ମାନସିକ ରୋଗୀ ହେବାର ମଧ୍ୟ ଆଶଙ୍କା ରହିଛି । ଯଥାସମ୍ଭବ ଅଭିଭାବକ ମାନେ ଛାତ୍ରଛାତ୍ରୀଙ୍କଠାରୁ ମୋବାଇଲ ଦୂରେଇ ରଖିବା ଉଚିତ । ଏଦିଗରେ ଅଭିଭାବକମାନେ ଯତ୍ନବାନ ହେବା ପାଇଁ ଶିକ୍ଷାବିତମାନେ ମତ ରଖିଛନ୍ତି ।

## ଜୟନ୍ତୀରେ ଉତ୍କଳ ଗୌରବଙ୍କ ଗୁଣଗାନ କଲେ ଆଇନଜୀବୀ

# ମଧୁବାବୁ ସମସ୍ତଙ୍କ ଆଦର୍ଶ ହେବା ଉଚିତ୍





ବୌଦ୍ଧ,୨୮ ।୪(ସମିସ): ବୌଦ୍ଧ ଜିଲ୍ଲା ନ୍ୟାୟାଳୟ ପରିସରରେ ଥିବା ଜିଲ୍ଲା ଦେୱାନି ଏବଂ ଫୌଜଦାରୀ ଓକିଲ ସଂଘ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ପାଳିତ ହୋଇଛି। ସଂଘର ସଭାପତି ଶାନ୍ତନୁ ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ମଧୁବାବୁଙ୍କ ସ୍ମୃତିଚାରଣ କରଥିଲେ। ମଧୁବାବୁଙ୍କ ଜୀବନ ଶୈଳୀ ଏବଂ ପରୋପକାକରୀ ଚିନ୍ତାଧାରା ସମସ୍ତଙ୍କ ଆଦର୍ଶ ହେବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ମେହେର, ଆଶୁତୋଷ ଦାସ, ପ୍ରଦ୍ୟୁମ୍ନ ଦଲାଲ୍, ବିକାଶ ଅଗ୍ରୱାଲ, ଦୀପକ ପାତ୍ର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

ବୌଦ୍ଧ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟରେ ମଧ୍ୟ ଆଇନଜୀବୀ ଦିବସ ପାଳିତ ହୋଇଛି। ଜିଲ୍ଲା ଓକିଲ ସଂଘର ସଭାପତି ସୁରେଶ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ ସୁଧୀର କର୍ଣ୍ଣ ଉତ୍କଳ ଗୌରବ ମଧୁ ସୁଦନ ଦାସଙ୍କ ଜୀବନାଦର୍ଶ ଓ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସମ୍ପାଦକ ଧବଳେଶ୍ୱର ମନହିରା, ଉପ ସଭାପତି ଅଙ୍କିତା ଶତପଥୀ, ସହ ସମ୍ପାଦକ ଚିତ୍ତ ଖଟୁଆ, ବରିଷ୍ଠ ଆଇନଜୀବି ଧୂରୀଣ ଦେହୁରୀ, ତାରିଣୀ ମହାପାତ୍ର, ଅଶୋକ ମିଶ୍ର, ଅଶୋକ ସାହୁ, ଚିତ୍ତରଞ୍ଜନ ପାଣିଗ୍ରାହୀ, ପରଦେଶୀ ବେହେରା, ଅମୃତ ପ୍ରଧାନ, ତାରିଣୀ ଜେନା, ପରମେଶ୍ୱର ବିଶି, ମନୋଜ ତ୍ରିପାଠୀ, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କ ସହ ଆଇନଜୀବୀମାନେ ଉପସ୍ଥିତ ରହି ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ପୂର୍ବରୁ କୋର୍ଟ ଛକ ନିକଟରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୁର୍ତ୍ତିରେ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଯୋଗାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଛି। ଯୋଗଗୁରୁ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୂର୍ଯ୍ୟନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର, ରାଜେନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ରାଜେଶ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଜୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଯୋଗାଳୟର ସଦସ୍ୟ ଶଙ୍କର ମେହେର, ଲବ ମେହେର, ଗୋପୀନାଥ ଚାନ୍ଦ, ଶମ୍ଭୁ ପ୍ରସାଦ ମେହେର, ସୁଦାମ ଖଣ୍ଡଗିରି, ସୁରେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ



ମନମୁଣ୍ଡା,୨୮ ।୪(ସମିସ): ଜୁନାନି ଗ୍ରୀଡ୍ ନିକଟରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଶୁଲିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିବେଦନ ସାହୁ (୪୮)ଙ୍କ ମୃତ୍ୟୁ ଘଟିଛି। ସେ ଅଜିତ ପ୍ରଧାନ (୩୫)ଙ୍କ ସହ ଜୁନାନିରୁ ପଲସାଗୋରା ଅଭିମୁଖେ ସାନ୍ଧ୍ୟ ଭ୍ରମଣରେ ଯାଉଥିଲେ। ଏହି ସମୟରେ ଏକ ବାଇକ ଦ୍ରୁତ ଗତିରେ ଆସି ସେମାନଙ୍କୁ ପଛରୁ ଧକ୍କା ଦେଇ ପଳାଇଥିଲା। ଉଭୟଙ୍କୁ ସୋନପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ନିବେଦନଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ପ୍ରମୋଦ ମେହେର ଓରଫ କାଳିଆଙ୍କ ଘର ମଧ୍ୟ ଜୁନାନିରେ ବୋଲି ନିବେଦନଙ୍କ ସମ୍ପର୍କୀୟ ଭାଇ ସନ୍ତୋଷ ସାହୁ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି।

## ଗ୍ରାହକଙ୍କୁ ଚୋରା ମଦ ବେପାରୀଙ୍କ ଛୁରା ମାଡ଼

ବୌଦ୍ଧ,୨୮ ।୪(ସମିସ): ବୌଦ୍ଧ ଥାନା ବନ୍ଧାପଥର ପଞ୍ଚାୟତ ବାଘପାଲି ଗ୍ରାମରେ ଚୋରା ମଦ ବେପାରୀଙ୍କ ଛୁରା ମାଡ଼ରେ ଜରେ ଗ୍ରାହକ ଗୁରୁତର ହୋଇଛନ୍ତି। ବାଘପାଲି ଗ୍ରାମରେ କୁଚିଆ ମଦ ବିକୁଥିବା ଦୀନବନ୍ଧୁ ମେହେରଙ୍କ ନିକଟକୁ ରାତିରେ ମଦ କିଣିବାକୁ ଯାଇଥିବା ଗ୍ରାମର ଭାଗୀରଥି ଭୋଇଙ୍କ ସହ କୌଣସି ଘଟଣାକୁ ନେଇ ଉଚ୍ଚବାଚ ହୋଇଥିଲା। ଏହା ଫଳରେ ଦୀନବନ୍ଧୁ ଭାଗୀରଥିଙ୍କୁ ଏକ ଛୁରାରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଖବର ପାଇ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

## ଲୁଟ୍ ଉଦ୍ଦେଶ୍ୟରେ ଯୁବକଙ୍କୁ ଛୁରାମାଡ଼

ଡୁଙ୍ଗୁରିପାଲି,୨୮ ।୪(ସମିସ):ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି କେନାଲ ପାଖରେ ରହୁଥିବା ଆୟୁଷ ସାହୁ ନାମକ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଦୁର୍ବୃତ୍ତ ତାଙ୍କଠାରୁ ମୋବାଇଲ ଲୁଟ୍ ଉଦ୍ୟମ କରିବା ସହ ତାଙ୍କୁ ଆକ୍ରମଣ କରି ଫେରାର ମାରିଛନ୍ତି। ସନ୍ଧ୍ୟାରେ ଆୟୁଷ ଟାଉନରୁ କାମ ସାରି ନିଜ ଘରକୁ ଫେରୁଥିଲେ। ତାଙ୍କ ଘର ପାଖରୁ ମାତ୍ର ୫୦ ମିଟର ଦୂରରେ ହଠାତ କେତେକ ଯୁବକ ଏକ ବାଇକ୍‌ରେ ଆସି ଏହି କାଣ୍ଡ ଭିଆଇଥିଲେ। ମୋବାଇଲ ଲୁଟ୍ ଉଦ୍ୟମ କରି ଆକ୍ରମଣ କରିଥିଲେ। ସେ ଚିତ୍କାର କରିବାରୁ ତାଙ୍କ ମା' ଘରୁ ଦୌଡ଼ି ଆସିଥିଲେ। ମା'ଙ୍କୁ ଦେଖି ସେମାନେ ପଳାଇଥିଲେ। ଆୟୁଷଙ୍କ ଛାତିରେ ଛୁରାମାଡ଼ ହୋଇଛି। ପରିବାର ଲୋକେ ସଙ୍ଗେ ସଙ୍ଗେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ହେତୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

● ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ

## ଭାଲୁବୁଟୁରାରେ ଯୁବକଙ୍କ ମୃତ୍ୟୁ

କଲମପୁର,୨୮ ।୪(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅଞ୍ଚଳରେ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଛି, ମିଳିଥିବା ସୂଚନା ଅନୁସାରେ ଭଇଁରିଗ୍ରାମ ମାଳପଡାର ଜନୈକା ଛଅ ମାସର ଗର୍ଭବତୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରିଥିବା ବେଳେ ଥାନା ଅନ୍ତର୍ଗତ ଭାଲୁବୁଟୁରା ଗ୍ରାମର ଜନୈକ ଯୁବକଙ୍କ ଫାଶୀ ଲଗାଇ ମୃତ୍ୟୁ ହୋଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଭଇଁରିଗ୍ରାମ ମାଳପଡା ଗର୍ଭବତୀ ମହିଳା ମୃତ୍ୟୁ ନେଇ କଲମପୁର ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଛାନଭିନ କରିଛନ୍ତି। ଭାବଗ୍ରାହୀ ଦୁର୍ଗା ରାୟଘଡା ଅଞ୍ଚଳରେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ କବିତା ଦୁର୍ଗା ଦୁଇ ସନ୍ତାନ ସହିତ ଘରେ ରହିଥିଲେ। ଘରେ ଶାଶୂ ଓ ଅନ୍ୟମାନେ କବିତାଙ୍କୁ ଭଲ ଦୃଷ୍ଟିରେ ଦେଖୁନଥିଲେ। ଏନେଇ କବିତା ପୋଲିସର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ, ହେଲେ ପୁଲିସ କିଛି ପଦକ୍ଷେପ ଗ୍ରହଣ କରିନଥିଲା। ପରିସ୍ଥିତି ସ୍ୱାଭାବିକ ଥିବା ବେଳେ କବିତାଙ୍କ ମୃତ୍ୟୁ କେଉଁ କାରଣରୁ ହେଲା ତାହା ବୁଝା ପଡୁନାହିଁ, ଆଜି କବିତାଙ୍କ ମୃତ୍ୟୁ ଖବର ନେଇ ପଡୋଶି ପୁଲିସକୁ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। କଲମପୁର ଥାନା ଏଏସଆଇ ଶିବ ଶଙ୍କର ମହାନ୍ତି, ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ତଦନ୍ତ ଆରମ୍ଭ କରି ସାଇଣ୍ଟିଫିକ୍ ଦଳକୁ ଡକାଇ ଥିଲେ। ପୁଷ୍ପାଞ୍ଜଳି ତାଣ୍ଡିଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଦଳ ତନ୍ନ ତନ୍ନ ତଦନ୍ତ କରି ଶବ ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଅନ୍ୟପକ୍ଷେ କଲମପୁର ଥାନା ଅନ୍ତର୍ଗତ ଭାଲୁବୁଟୁରା ଗ୍ରାମର ନରେଶ ବାଗଙ୍କ ୨୨ ବର୍ଷିୟ ପୁଅ ଚୌବନ ବାଗ ବେକରେ ଫାଶୀ ଲଗାଇ ଝୁଲିପଡିଥିବା ବେଳେ ଘର ଲୋକେ ଉଦ୍ଧାର କରି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଭାରପ୍ରାପ୍ତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏହା ଏକ ପାରିବାରିକ ପ୍ରେମ ବ୍ୟାପାର ମାମଲା ବୋଲି ଚର୍ଚ୍ଚା ହେଉଛି। ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ଘଟଣାର ତଦନ୍ତ କରୁଛନ୍ତି।

## ବୌଦ୍ଧରେ ବୁଦ୍ଧ ଜୟନ୍ତୀ ପାଇଁ ପ୍ରସ୍ତୁତି

ବୌଦ୍ଧ,୨୮ ।୪(ସମିସ): ବୌଦ୍ଧରେ ମହାସମାରୋହରେ ବୁଦ୍ଧ ଜୟନ୍ତୀ ପାଳନ କରାଯିବ। ମହାନଦୀ ଆଳତି ଘାଟରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ଦେବାଶିଷ ପୁରୋହିତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ଆଳତୀ ଘାଟରେ ସ୍ୱତନ୍ତ୍ର ଆଳତି କରାଯିବ। ସନ୍ଧ୍ୟାରେ ଏକ ସାଧାରଣ ସଭା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବ୍ରହ୍ମଚାରୀ ଆଦିତ୍ୟ ଦାସ, ବିଶ୍ୱେଶ୍ୱର ପୃଷ୍ଟି, ଚିତ୍ତରଞ୍ଜନ ଦାଶ, ମିନୁପ୍ରସାଦ ମିଶ୍ର, ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିଥିଲେ।

## କଇଁଟପଦର ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

# ଗାଁରେ ରହି ମନରେଗାରେ କାମ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ





ସିନାପାଲି,୨୮ ।୪ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ କଇଁଟପଦର ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ଲୋକମାନେ ଗାଁରେ ରହି ମନରେଗା ଯୋଜନାରେ କାମ କରିବାକୁ ପ୍ରାଥମିକତା ଦିଅନ୍ତୁ। ପ୍ରବାସୀ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଯାଆନ୍ତୁ ନାହିଁ। ପୂର୍ବରୁ ପ୍ରବାସୀ ଶ୍ରମିକ ଭାବେ କାମ କରିଥିବା ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଓ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଜିଲ୍ଲା ସମାଜିକ ସୁରକ୍ଷା ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ପେନସନ୍ ବଣ୍ଟନ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସବ୍‌ସିଡି ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା କ୍ଷେତ୍ରରେ ଉତ୍କୃଷ୍ଟ କାମ ପାଇଁ ଟିମନପୁର ପଞ୍ଚାୟତର କୃଷ୍ଣ ପାଣ୍ଡେ, କେନ୍ଦୁମୁଣ୍ଡାର ସନ୍ତୋଷ ଘିବେଲା, କଇଟପଦରର ଭଜନ ନାଏକ, ଖଇରପଦର୍‌ର କେଶବ ମାଝୀ ଓ ହତିବନ୍ଧା ପଞ୍ଚାୟତର ପଞ୍ଚାନନ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡ. ଦ୍ୱାରିକାନାଥ ଶତପଥୀ, ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜିଳି ମାଝୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନା ଘିବେଲା, ସମିତି ସଭ୍ୟ ନରହରି ହଂସ ଓ ସରପଞ୍ଚ ପୁଷ୍ପାଞ୍ଜଳି ଘିବେଲା ପ୍ରମୁଖ ଉପସ୍ଥିତ ଥିଲେ।

## ଅଧ୍ୟାପକ ଅଇରୀ ନାଶନ ଚିନ୍ଦାଙ୍କ ଶ୍ରାଦ୍ଧବାର୍ଷିକୀ



କୋକସରା,୨୮ ।୪(ସମିସ): ଅଧ୍ୟାପକ ଅଇରୀ ନାଶନ ଚିନ୍ଦାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ କୋକସରାସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଛି। କୋକସରା ପଞ୍ଚାୟତ ସମିତି ମହାବିଦ୍ୟାଳୟର କର୍ମଚାରୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ, ସାମ୍ବାଦିକ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଚିନ୍ଦାଙ୍କ ବାପା ଦୁର୍ଗା ଚରଣ ଚିନ୍ଦା, ମା' ବାସନ୍ତୀ ଚିନ୍ଦା, ସ୍ତ୍ରୀ ଦୀପ୍ତିମୟୀ ପଣ୍ଡା, ଭାଇ ଅଭୟ ନାସନ ଚିନ୍ଦା, ଝିଅ ଅନନ୍ୟା ଭାରତୀ ଓ ଆର୍ଯ୍ୟା ଅଭନ୍ତିକା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ୱର୍ଗତ ଚିନ୍ଦାଙ୍କ ବାସଭବନରେ ସ୍ମୃତିସଭା ହୋଇଥିଲା।

## ସୁଷମା ମାଝୀ ବିଜୁ ମହିଳା ଜନତା ଦଳ ବ୍ଲକ୍ ସଭାନେତ୍ରୀ



ଲାଞ୍ଜିଗଡ଼,୨୮ ।୪(ସମିସ):ବିଜୁ ଜନତା ଦଳ ତରଫରୁ ମହିଳା ସଂଗଠନ ସୁଦୃଢ଼ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି। ଏହିକ୍ରମରେ ବିଭିନ୍ନ ବ୍ଲକରେ ବିଜୁ ଜନତା ଦଳ ମହିଳା ସଂଗଠନର ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ଓ ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନଙ୍କ ଅନୁମୋଦନ ପରେ ଲାଞ୍ଜିଗଡ଼ ବ୍ଲକ୍ ବିଜୁ ମହିଳା ଦଳର ସଭାନେତ୍ରୀ ଭାବେ ସୁଷମା ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି। ସୁଷମା ଛତ୍ରପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କ ଉପରେ ଆସ୍ଥା ରଖି ଦଳ ତାଙ୍କୁ ମହିଳା ସଂଗଠନ ଭାବେ ନିଯୁକ୍ତି ଦେଇଥିବା ସୂଚନା ମିଳିଛି। ସୁଷମା ନୂତନ ଦାୟିତ୍ୱ ପାଇବା ପରେ ଦଳୀୟ ନେତୃବୃନ୍ଦ ଓ କର୍ମୀ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## କନ୍ଧମାଳ ଅଞ୍ଚଳରେ କାଳ ବୈଶାଖୀ

ବୌଦ୍ଧ/କନ୍ଧମାଳ, ୨୮ ।୪ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ଆଜି ସନ୍ଧ୍ୟାରେ କାଳ ବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଜୋରରେ ପବନ ବହିବା ସହ ଅନେକ ସ୍ଥାନରେ ପ୍ରବଳ ବର୍ଷା ସହ କୁଆ ପଥର ମାଡ଼ ହୋଇଛି। କୁଆ ପଥର ମାଡ଼ରେ ଅନେକ ଧାନ ଫସଲ ଓ ପନିପରିବାର ଚାଷ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଗଛ ଭାଙ୍ଗି ଯିବା ସହ ଚାଳ ଛପର ଘର ମଧ୍ୟ ପବନ ବର୍ଷାରେ ଭାଙ୍ଗି ନଷ୍ଟ ହୋଇ ଯାଇଛି। ଅବଶ୍ୟ ବର୍ଷା ଯୋଗୁଁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

## ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଓ ଲୋକକଳା ଉତ୍ସବ ପ୍ରସ୍ତୁତି

କନ୍ଧମାଳ,୨୮ ।୪(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ହରିଶଙ୍କର କଳା ମଣ୍ଡପରେ ମେ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ସଂକୀର୍ତ୍ତନ ମହୋତ୍ସବ ତଥା ଲୋକ କଳା ଉତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଦିବ୍ୟଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଞ୍ଜନ ପାତ୍ର ପ୍ରଥମ ବିବରଣୀ ପାଠ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଖଟୁଆ, ସତ୍ୟରଣା, ରାଜୁ ବାଘ, ଶରତ ସାହୁ, ଅରୁଣ ଖଟୁଆ, ପ୍ରେମ ରଞ୍ଜନ ନାଏକ, ସୁଦାମ ମିଶ୍ର, ଅକୁର ସାହୁ, ବିଶ୍ୱାମିତ୍ର ପାଢୀ, ଟୁନା ରାଜହଂସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଓ ଲୋକକଳା ଉତ୍ସବ କିଭଳି ମହାସମାରୋହରେ ପାଳନ କରାଯିବ ସେ ନେଇ ଆବାହକ ଶ୍ରୀ ରାଉତ ଗୁରୁତ୍ୱ ଦେଇଥିଲେ। ସଂକୀର୍ତ୍ତନ ଓ ଲୋକକଳାକୁ ବଞ୍ଚାଇ ରଖିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ରାଉତ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ନେଇ ସେ ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି।

## ଓଏସ୍‌ଏନ୍‌ଏଲ୍‌ଇଏର 'ଅନୁଦାନ ସମ୍ପର୍କ ଅଭିଯାନ'

# ନୂତନ ଅନୁଦାନ ନୀତି ଶୀଘ୍ର କାର୍ଯ୍ୟକାରୀ ପାଇଁ ଦାବି

ଭବାନୀପାଟଣା,୨୮ ।୪(ସମିସ)



ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ (ଓଏସଏନଏଲଇଏ) ପକ୍ଷରୁ ନିଆରା କାର୍ଯ୍ୟକ୍ରମ "ଅନୁଦାନ ସମ୍ପର୍କ ଅଭିଯାନ" ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଓଏସଏନଏଲ୍‌ଇଏ କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀଙ୍କୁ ସାକ୍ଷାତ କରାଯାଇଛି। ଏହି ସମୟରେ ବିଧାୟକ ପାଟଯୋଶୀଙ୍କ ସହ ସଂଘର ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ଅଭିଯାନ ସମ୍ପର୍କିତ ସୁପାରିଶପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟରେ ୧ଜୁନ ୨୦୦୮ରୁ ୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ରାଜ୍ୟସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଦାବି କରାଯାଇଛି। ବିଗତ ଦିନରେ ଏହାକୁ ନେଇ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବଂ ଆମରଣ ଅନଶନ ମାଧ୍ୟମରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏପରିକି ଗତ ୧୫.୧୦ୟ.୨୦୨୫ ରିଖରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀଙ୍କ ଦୁଇଜଣ ପ୍ରତିନିଧ ତଥା ବିଧାୟକ ବାବୁ ସିଂ, ଆଶ୍ରିତ ପଟ୍ଟନାୟକ ଏବଂ ଉଚ୍ଚଶିକ୍ଷା ବିଭାଗର ସଚିବ ଓ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ନିଷ୍ପତ୍ତି ମୁତାବକ ନୂଆପଡା ଉପନିର୍ବାଚନ ପରେ ନୂତନ ଅନୁଦାନ ନୀତି ପ୍ରଣୟନ ନିମିତ୍ତ ପ୍ରତିଶୃତି ମିଳିଥିଲା। ତେବେ ଡିସେମ୍ବର ପ୍ରଥମ ସପ୍ତାହରେ ମୁଖ୍ୟମନ୍ତ୍ରୀ ବିଧାନସଭାରରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ଘୋଷଣା କରିଥିଲେ। ଇତିମଧ୍ୟରେ ଉଚ୍ଚସ୍ତରୀୟ କମିଟି ସହିତ ସଂଘର ଦାବି ସମ୍ପର୍କିତ ଆଲୋଚନା ସରିଛି। କମିଟି ଗଠନର ଚାରି ମାସ ବିତିଯାଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ହୋଇନାହିଁ। ତେଣୁ ସଂଘର ନିଷ୍ପତ୍ତି ମୁତାବକ ୨୦୦୮ ରୁ ୨୦୧୮ ନୂତନ ଅନୁଦାନ ନୀତି ପ୍ରଣୟନ ନିମିତ୍ତ ଆରମ୍ଭ ହୋଇଥିବା ଅନୁଦାନ ସମ୍ପର୍କ ଅଭିଯାନ ମାଧ୍ୟମରେ ପୁଣି ଥରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଧାୟକଙ୍କ ଜରିଆରେ ସୁପାରିଶପତ୍ର ପ୍ରଦାନ କରୁଛୁ। ତେଣୁ ଶୀଘ୍ର ନୂତନ ଅନୁଦାନ ନୀତି କାର୍ଯ୍ୟକାରୀ କରାଯାଉ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ଜିଲ୍ଲା ସଂଯୋଜକ ଲକ୍ଷ୍ମୀକାନ୍ତ ବେହେରାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

